ଧରିତ୍ରୀ DHARITRI
ଢେଙ୍କାନାଳ, ଗୁରୁବାର, ୯ ମେ, ୨୦୧୯



## ଆଜି କ'ଣ କେଉଁଠି

**ଅନୁଗୋଳ**

■ଆଦି ଶଙ୍କରାଚାର୍ଯ୍ୟ ଜୟନ୍ତୀ
ତାରିଖ-୯.୫.୨୦୧୯
ସ୍ଥାନ- ଶୈଳଶ୍ରୀକ୍ଷେତ୍ର (ବେଦ ଭବନ)
ସମୟ- ପୂର୍ବାହ୍ନ ୯ ଘଟିକା।

## ସଂକ୍ଷେପରେ

### କୋଇଲା ବୋଝେଇ ଟ୍ରକ୍‌ରେ ନିଆଁ



ଅନୁଗୋଳ ଅଫିସ, ୮।୫- ଅନୁଗୋଳ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥର ରନ୍ତଲେଇ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ବିଳମ୍ବିତ ରାତିରେ ଏକ କୋଇଲା ବୋଝେଇ ଟ୍ରକ୍‌ରେ ନିଆଁ ଲାଗି ଯାଇଥିଲା। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଘଟଣାସ୍ଥଳରୁ ଟ୍ରକ୍ ଚାଳକ ଓ ହେଲପର ଫେରାର ହୋଇଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ତାଳଚେରରୁ କୋଇଲା ନେଇ ଉକ୍ତ ଟ୍ରକ୍ (ନଂ. ଓଡି୦୫-ଏଇ-୯୮୫୫) ସମ୍ବଲପୁର ଅଭିମୁଖେ ଯାଉଥିଲା। ରନ୍ତଲେଇ ପେଟ୍ରୋଲ ପମ୍ପ ନିକଟରେ ପଛ ଚକରେ ନିଆଁ ଲାଗିଥିବା ଦେଖି ସ୍ଥାନୀୟ ଲୋକମାନେ ଗାଡ଼ିଟିକୁ ଅଟକାଇ ଥିଲେ। ଏଥିସହ ତୁରନ୍ତ ଅଗ୍ନିଶମ ବିଭାଗ ଓ ପୋଲିସକୁ ଖବର ଦେଇଥିଲେ। ଓଭର ଲୋଡିଂ ଯୋଗୁ ଚକରେ ନିଆଁ ଲାଗି ଯାଇଥିବା ଅଗ୍ନିଶମ କର୍ମଚାରୀ ସର୍ବେଶ୍ୱର ବେହେରା କହିଛନ୍ତି। ତେବେ ଗାଡ଼ି ଚାଳକ ଓ ହେଲପର ଫେରାର ଥିବାରୁ ଗାଡ଼ିଟି ଚୋରା କୋଇଲା କାରବାର କରୁଥିବା ନେଇ ସ୍ଥାନୀୟ ଲୋକମାନେ ସନ୍ଦେହ କରିଛନ୍ତି।

### ବାତ୍ୟା ବିପନ୍ନଙ୍କ ପାଇଁ ରିଲିଫ୍ ସଂଗ୍ରହ




**ଅନୁଗୋଳ ଅଫିସ, ୮।୫:** ବାତ୍ୟା ବିପନ୍ନଙ୍କ ପାଇଁ ଏସ୍‌ୟୁସିଆଇ ଅନୁଗୋଳ ଜିଲା କମିଟି ପକ୍ଷରୁ ଜିଲାବ୍ୟାପୀ ଜନସାଧାରଣଙ୍କଠାରୁ ରିଲିଫ୍ ସଂଗ୍ରହ କରାଯାଉଛି। ବୁଧବାର ଅପରାହ୍ନରେ ମାଧପୁର ବଜାରରେ ଏସ୍‌ୟୁସିଆଇ ପକ୍ଷରୁ ବ୍ୟବସାୟୀ ତଥା ଜନସାଧାରଣଙ୍କ ଠାରୁ ରିଲିଫ୍ ସଂଗ୍ରହ କରାଯାଇଥିଲା। ସଂଗ୍ରହ ହୋଇଥିବା ରିଲିଫ୍ ବାତ୍ୟା ବିପନ୍ନଙ୍କ ନିକଟକୁ ପଠାଯିବ ବୋଲି ଜିଲା କମିଟି ସଭ୍ୟ ତୀର୍ଥବାସୀ ଭୋଇ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଜଗନ୍ନାଥ ମହାକୁଡ, ସରୋଜିନୀ ବେହେରା, ସୁଶାନ୍ତ ପାତ୍ର, ବିଭୂତି ନାଏକ, ପୁରୁଷୋତ୍ତମ ନାୟକ ପ୍ରମୁଖ ସାମିଲ ଥିଲେ।

### ଯୌତୁକ ନିର୍ଯାତନା ଅଭିଯୋଗ

**ଅନୁଗୋଳ ଅଫିସ, ୮।୫:** ଅନୁଗୋଳ କୁକୁଡ଼ାଙ୍ଗ ବରସାହିର ଜଣେ ନବବଧୂ ତାଙ୍କୁ ଯୌତୁକ ନିର୍ଯାତନା ଦିଆଯାଉଥିବା ଥାନାରେ ଅଭିଯୋଗ କରିଛନ୍ତି। ଏ ନେଇ ପୋଲିସ ନଂ. ୩୩୨/୧୯ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଛି। ସୂଚନାଯୋଗ୍ୟ ଯେ, ବରସାହିର ମାନସ ପ୍ରଧାନ ବର୍ଷେ ତଳେ ବଅଁରପାଳ ଥାନା ଚୌରୀଡ଼ିହ ଅଞ୍ଚଳର ଶୁଭଲକ୍ଷ୍ମୀ ପ୍ରଧାନଙ୍କୁ ବିବାହ କରିଥିଲେ। ତେବେ ବିବାହ ପର ଠାରୁ ଶାଶୁ ଘର ଲୋକ ଯୌତୁକ ନିର୍ଯାତନା ଦେଉଥିବା ଶୁଭଲକ୍ଷ୍ମୀ ଅଭିଯୋଗରେ ଦର୍ଶାଇଛନ୍ତି। ଅନ୍ୟପକ୍ଷରେ ମାନସଙ୍କ ପରିବାର ଲୋକ ନିର୍ଯାତନା ଅଭିଯୋଗକୁ ଖଣ୍ଡନ କରିଛନ୍ତି। ପରିବାରରୁ ପୁଅକୁ ଅଲଗା କରିବା ପାଇଁ ଏପରି ଅଭିଯୋଗ ଅଣାଯାଇଥିବା ସେମାନେ କହିଛନ୍ତି। ଅନୁଗୋଳ ପୋଲିସ ଘଟଣା ସମ୍ପର୍କରେ ତଦନ୍ତ ଚଲାଇଛି।

### ଅଚିହ୍ନା ମୃତଦେହ ଉଦ୍ଧାର

**ମାଧପୁର, ୮।୫:** ଆଠମଲ୍ଲିକ ବ୍ଲକ କିଆକଟା ଥାନା ଅଧୀନ ଝମକରେଇ ଜଙ୍ଗଲରେ ବୁଧବାର ଏକ ଅଚିହ୍ନା ମୃତଦେହ ପୋଲିସ ଉଦ୍ଧାର କରିଛି। ସୂଚନା ମୁତାବକ, ବନ ବିଭାଗର ହାତୀ ଅନ୍ୱେଷଣକାରୀ ଦଳର ବଶିଷ୍ଠ ବଘାର, ସୁଦାମ ମହାକୁଡଙ୍କ ସମେତ ଅନ୍ୟମାନେ ମଙ୍ଗଳବାର ଜଙ୍ଗଲରେ ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ବଶିଷ୍ଠ ଥାନାରେ ଜଣାଇଥିଲେ। କିଆକଟା ଥାନା ଅଧିକାରୀ ଅନାମ କେଞ୍ଚା ପୋଲିସ କର୍ମଚାରୀଙ୍କ ସହ ସେଠାରେ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲେ। ଏ ସଂକ୍ରାନ୍ତରେ ନଂ. ୟୁଡି ୧ରେ ମାମଲା ରୁଜୁ କରାଯାଇ ମୃତଦେହ ବ୍ୟବଚ୍ଛେଦ ପାଇଁ ଆଠମଲ୍ଲିକ ଡାକ୍ତରଖାନା ପଠାଯାଇଛି।

■ବ୍ୟାପକ କରାଯିବ ରେଡ୍‌କ୍ରସ କାର୍ଯ୍ୟକ୍ରମ

# ଅସହାୟଙ୍କୁ ସାହାଯ୍ୟ ଉପରେ ଗୁରୁତ୍ୱାରୋପ

**ଅନୁଗୋଳ ଅଫିସ, ୮।୫**

ଅନୁଗୋଳ ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ବୁଧବାର ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ ହୋଇଯାଇଛି। ଜିଲା ରେଡ୍‌କ୍ରସ ସଂସ୍ଥା ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲାପାଳ ମନୋଜ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ରେଡକ୍ରସର ପ୍ରତିଷ୍ଠାତା ସାର୍ ଜିନ ହେନେରୀ ଡୁନାଣ୍ଟଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇବା ସହ ରେଡକ୍ରସର ବାର୍ତ୍ତା ଓ ଏହାର ଉଦ୍ଦେଶ୍ୟକୁ ଜିଲାର କୋଣ ଅନୁକୋଣର ପହଞ୍ଚାଇ ଅସହାୟଙ୍କୁ ସାହାଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ରେଡ୍‌କ୍ରସର ପାଣ୍ଠି ବୃଦ୍ଧି ସହ ସମସ୍ତ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ ଓ ସୁଦୂର ପ୍ରସାରୀ କରିବା ଉପରେ ଜିଲାପାଳ ଆଲୋଚନା କରିଥିଲେ। ଏଥିପାଇଁ ଜିଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସେ କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଅତୁଲ୍ୟ କୁମାର ଚମ୍ପତିରାୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରେଡକ୍ରସ ଆବଶ୍ୟକ ସମୟରେ ଅସହାୟ ଲୋକଙ୍କୁ ସହାୟତା ଯୋଗାଇ ଆସୁଛି ବୋଲି ପ୍ରକାଶ କରିଥିଲେ। ଏଥିସହ ବାତ୍ୟା ଫନୀରେ କ୍ଷତିଗ୍ରସ୍ତ ଲୋକଙ୍କ ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ବଦାନ୍ୟ ବ୍ୟକ୍ତି ଓ ଅନୁଷ୍ଠାନ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆକାଉଣ୍ଟ ୧୧୧୦୯୩୩୯୧୬୫ ଆଇଏଫ୍‌ଏସ୍‌ସି କୋର୍ଡ ଏସ୍‌ବିଆଇଏନ୍ ୦୦୧୦୨୩୬ କିମ୍ବା ଆକାଉଣ୍ଟ ନମ୍ବର ୧୦୫୬୬୧୧୬୪୧୭ ଆଇଏଫ୍‌ଏସ୍‌ସି କୋର୍ଡ- ଏସ୍‌ବିଆଇଏନ୍ ୦୦୦୬୬୦୬କୁ ମୁକ୍ତ ହସ୍ତରେ ଦାନ କରିବାକୁ ଅନୁରୋଧ କରିଥିଲେ। ଏହାଛଡ଼ା ଆଇସିଆଇସିଆଇ ବ୍ୟାଙ୍କ ଆକାଉଣ୍ଟ ନମ୍ବର ୦୦୬୧୦୧୦୫୭୮୪୨ରେ ଅନ୍‌ଲାଇନରେ ସହାୟତା ରାଶି ମଧ୍ୟ ଜମା କରିପାରିବେ ବୋଲି ସମ୍ମାନିତ ଅତିଥି ପ୍ରକାଶ କରିଥିଲେ। ଜିଲା ରେଡକ୍ରସ ସୋସାଇଟିର ସମ୍ପାଦକ ତଥା ଡେପୁଟି କଲେକ୍ଟର ବଇତୁରା ଦୀପ୍ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଚଳିତ ବର୍ଷର ବାର୍ତ୍ତା 'କ'ଣ ପାଇଁ ତୁମେ ରେଡକ୍ରସକୁ ଭଲ ପାଉଛ' ଉପରେ ସେ ଆଲୋକପାତ କରିବା ସହ ଜିଲା ସଂସ୍ଥାର ଆୟବ୍ୟୟ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ୨୦୧୮-୧୯ ଆର୍ଥିକ ବର୍ଷରେ ୫୭ ଲକ୍ଷ ଟଙ୍କା ଚିକିତ୍ସା, ଦୁର୍ଘଟଣା ଓ ହାତୀ ଆକ୍ରମଣରେ ମୃତାହତଙ୍କୁ ସହାୟତା, ଅଗ୍ନି ବିପନ୍ନଙ୍କୁ ସହାୟତା ଓ ଜଳଛତ୍ର ଖୋଲିବା ବାବଦରେ ଖର୍ଚ୍ଚ ହୋଇଛି ବୋଲି ସେ ସୂଚନା ଦେଇଥିଲେ। ଚଳିତ ଆର୍ଥିକ ବର୍ଷ ପାଇଁ ୧ କୋଟି ୨୮ ଲକ୍ଷ ଟଙ୍କା ସଂଗ୍ରହ କରିବାର ଲକ୍ଷ୍ୟ ରଖାଯାଇଛି ବୋଲି ସେ ପ୍ରକାଶ କରିଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶରତ ଚନ୍ଦ୍ର ସେଠୀ ଅତିଥି ପରିଚୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଜିଲାସ୍ତରୀୟ ବିଭିନ୍ନ ବିଭାଗର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ।



ବିଶ୍ୱ ରେଡ୍‌କ୍ରସ ଦିବସ ପାଳନ ଅବସରରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

## ସେଲ୍‌ଫି କର୍ଣ୍ଣର



@ ଅଞ୍ଜନ



@ ଅଭୟ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ**
dklselfie@gmail.com
(ବଛା ବଛା ସେଲ୍‌ଫି ପ୍ରକାଶ ପାଇବ)

## ଗ୍ଲୋବାଲ କୋଲ ଆଣ୍ଡ ମାଇନିଂରେ ମକ୍‌ଡ୍ରିଲ



ଉଦ୍ଧାରକାରୀ ଟିମ୍ କୌଶଳ ପ୍ରଦର୍ଶନ କରୁଛନ୍ତି।

**ତାଳଚେର,୮।୫(ନି.ପ୍ର.)**

ଅନୁଗୋଳ ଜିଲା କ୍ରାଇସିସି ଅଧକ୍ଷଙ୍କ ନିର୍ଦ୍ଦେଶ ଅନୁଯାୟୀ ସ୍ଥାନୀୟ ଗ୍ଲୋବାଲ କୋଲ ଆଣ୍ଡ ମାଇନିଂ ଲିମିଟେଡରେ ଅଗ୍ନିକାଣ୍ଡ ଓ ଉଦ୍ଧାରଶୈଳୀ ସମ୍ପର୍କରେ ଏକ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ଅନୁଗୋଳ ଅତିରିକ୍ତ ଜିଲାପାଳ ତପନ ଶତପଥୀ, ତାଳଚେର ଉପଜିଲାପାଳ ପରେଶ ଚନ୍ଦ୍ର ନାୟକ, ଅନୁଗୋଳ ସହକାରୀ ଫ୍ୟାକ୍ଟ୍ରି ଓ ବଏଲର ନିର୍ଦ୍ଦେଶକ, ଅଗ୍ନିଶମ ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ସୁରକ୍ଷା ପ୍ରତି ସମସ୍ତେ ଯତ୍ନବାନ ହେବା ସହ ମକ୍‌ଡ୍ରିଲକୁ ଅଧିକାରୀମାନେ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଉନ୍ନତମାନର ଉଦ୍ଧାର ଶୈଳୀ ପ୍ରଦର୍ଶନ କରିବାକୁ ଅଧିକାରୀମାନେ ପରାମର୍ଶ ଦେଇଥିଲେ। ନାଲ୍‌କୋ, ଭୂଷଣ, ଜିନ୍ଦଲ, ଜିନ୍ଦଲ କଣିହାଁ, ଏନ୍‌ଟିପିସି, ଆରିୟାନା, ସ୍ୱେକ୍ସମର ପ୍ରତିନିଧିମାନେ ଯୋଗ ଦେଇଥିଲେ। କମ୍ପାନୀର ପରିଚାଳନା ନିର୍ଦ୍ଦେଶକ କାର୍ତ୍ତିକ ପାତ୍ର ଧନ୍ୟବାଦ ଦେଇଥିଲେ।

## ନିଜସ୍ୱ ବିହନ ପ୍ରସ୍ତୁତ କରିବାକୁ ପରାମର୍ଶ

**ବଇଣ୍ଡା, ୮।୫(ଡି.ଏନ.ଏ.)**

କିଶୋରନଗର ବ୍ଲକ ଗାଁବଇଣ୍ଡା ପଞ୍ଚାୟତ ସୋଲଣ୍ଡା ଗ୍ରାମରେ ମଙ୍ଗଳବାର ସନ୍ଧ୍ୟାରେ ଅକ୍ଷୟ ତୃତୀୟ ଅବସରରେ ଚାଷୀମାନଙ୍କୁ ନେଇ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଜିଲା ଭାଜପା ସଭାପତି ଭାଗୀରଥି ପ୍ରଧାନ ଯୋଗଦେଇ କହିଲେ, ଚାଷୀର ବିକାଶରେ ହିଁ ଦେଶର ଭବିଷ୍ୟତ ନିର୍ଭରଶୀଳ। ତେଣୁ ସମସ୍ତ ଚାଷୀ କିପରି କୌଣସି ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ସରକାର ଗୁରୁତ୍ୱ ଦେବା ଜରୁରୀ। ସେହିପରି ସୋଲଣ୍ଡାର ପ୍ରାୟ ୬୫ ଚାଷୀ ୩୫୦ ଏକର ଜମିରେ ଭଲ ଚାଷ କରି ନିଜସ୍ୱ ଧାନ ବିହନ ପ୍ରସ୍ତୁତ କରିବାକୁ ପରାମର୍ଶ ଦିଆଯାଇଥିଲା। ଅନ୍ୟତମ ଅତିଥି ଭାବେ ଧନେଶ୍ୱର ସାହୁ, ଉଦୟନାଥ ପ୍ରଧାନ, ଭଗବାନ ବେହେରା, ରବୀନ୍ଦ୍ର ପ୍ରଧାନ, ଉମାକାନ୍ତ ପ୍ରଧାନ, କୈଳାସ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଗ୍ରାମର ପ୍ରାୟ ଶହେ ଏକର ଜମିରେ ତରଭୁଜ, ୨ ଶହ ଏକର ଜମିରେ ସୂର୍ଯ୍ୟମୁଖି ଚାଷ କରିବାକୁ ନିଷ୍ପତ୍ତି ହୋଇଛି। ଏଥିରେ ବହୁ ଚାଷୀ ଯୋଗ ଦେଇଥିଲେ। ଆଗାମୀ ଦିନରେ ଉଦ୍ୟାନ କୃଷିର ବିକାଶ ପାଇଁ ଚାଷୀମାନଙ୍କୁ ତାଲିମ ଦିଆଯିବ ବୋଲି ଆଲୋଚନା ଚକ୍ରରେ ନିଷ୍ପତ୍ତି ହୋଇଛି। ପ୍ରଶାନ୍ତ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ତାତିରେ ଅସ୍ତବ୍ୟସ୍ତ ଅନୁଗୋଳବାସୀ





**ଅନୁଗୋଳ ଅଫିସ, ୮।୫**

ଅନୁଗୋଳରେ ପୁଣି ବଢ଼ିବାରେ ଲାଗିଛି ତାପମାତ୍ରା। ଏହାସହ ଗୁଳୁଗୁଳି ସହରବାସୀଙ୍କୁ ଅସ୍ତବ୍ୟସ୍ତ କରିଦେଉଛି। ବୁଧବାର ସହରର ତାପମାତ୍ରା ୪୧.୭ ଡିଗ୍ରୀ ଥିବାବେଳେ ଆଗକୁ ଏହା ଆହୁରି ବଢ଼ିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

ଅନୁଗୋଳରେ ସକାଳୁ ମୁଣ୍ଡଫଟା ଖରା ହେଉଥିବାବେଳେ ମଧ୍ୟାହ୍ନରେ ଦେହ ଜଳିଗଲା ଭଳି ପରିସ୍ଥିତି ଉପୁଜୁଛି। ଅପରାହ୍ନ ଯାଏ ତତଲା ପବନ ଲୋକଙ୍କୁ ଆହୁରି କଲବଲ କରିଦେଉଛି। ତାତିରୁ ନିସ୍ତାର ପାଇଁ ଲୋକମାନେ ରାହା ଖୋଜୁଥିବାବେଳେ ଅଡୁଆରେ ପକାଉଛି ବିଦ୍ୟୁତ୍ କାଟ। ଏଥିଯୋଗୁ ଛୋଟ ପିଲାଙ୍କ ସହ ବୃଦ୍ଧାବୃଦ୍ଧମାନେ ଅଧିକ ଯନ୍ତ୍ରଣା ପାଉଥିବା ପରିଲକ୍ଷିତ ହେଉଛି। ବାତ୍ୟା ଫନୀ ଯୋଗୁ ସହରରେ ତାପମାତ୍ରା କିଛିଦିନ ହେଲା କମିଥିବାବେଳେ ଗତ ତିନିରୁ ଚାରି ଦିନ ହେବ ଏହା ବୃଦ୍ଧି ପାଇବାରେ ଲାଗୁଛି। ଗତ ୬ ତାରିଖରେ ତାପମାତ୍ରା ୩୮.୧ ଡିଗ୍ରୀ ଥିବାବେଳେ ୭ ତାରିଖରେ ପାରଦ ୪୦.୭ ରହିଥିଲା। ତେବେ ବୁଧବାର ଆଉ ଏକ ଡିଗ୍ରୀ ବଢ଼ିଥିବା ପାଣିପାଗ ବିଭାଗ ପକ୍ଷରୁ ରେକର୍ଡ କରାଯାଇଛି।

■ଗାଡ଼ି ବ୍ୟାକ୍‌କୁ ନେଇ ତୁମୁଳକାଣ୍ଡ

## ଯୁବକଙ୍କୁ ଘୋଷାଡି ପିଟିଲେ, ଉତ୍ତେଜନା



**ଅନୁଗୋଳ ଅଫିସ, ୮।୫**

ଅନୁଗୋଳ ଶିମିଳିପଡ଼ାଠାରେ ବୁଧବାର ରାତି ପ୍ରାୟ ୯ଟାରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ୪ରୁ ଅଧିକ ଯୁବକ ତାଙ୍କୁ ରାସ୍ତାରେ ଘୋଷାଡ଼ି ପିଟିବା ପରେ ଫେରାର ହୋଇଯାଇଛନ୍ତି। ଖବରପାଇ ଅନୁଗୋଳ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଚାପା ଉତ୍ତେଜନା ଦେଖା ଦେଇଛି।

ଅନୁଗୋଳର ଶାନ୍ତନୁ କୁମାର ସାହୁ ତାଙ୍କ ବାଇକ୍‌ରେ ଶିମିଳିପଡ଼ା ଛକ ଦେଇ ଅମଲାପଡ଼ା ଆଡ଼କୁ ଆସୁଥିଲେ। ଏହି ସମୟରେ ଏକ କାର୍ (ନଂ. ଓଡି୧୯ସି-୦୯୫୯) ବ୍ୟାକ୍ କରୁଥିବା ବେଳେ ବାଇକ୍ ସହ ସାମାନ୍ୟ ଘଷି ହୋଇଯାଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ୪ରୁ ଅଧିକ ଯୁବକ ଏକ ବାଇକ୍‌ରେ ଆସି ରାସ୍ତା ମଝିରେ ଶାନ୍ତନୁଙ୍କୁ ନିର୍ଦ୍ଧୁମ ପିଟିଥିଲେ। ପୋଲିସ ଶାନ୍ତନୁଙ୍କୁ ମେଡିକାଲରେ ଭର୍ତ୍ତି କରିଛି। ଖବର ଲେଖା ହେବା ସୁଦ୍ଧା ଥାନାରେ ଅଭିଯୋଗ ହୋଇ ନ ଥିବା ଜଣାପଡ଼ିଛି।

## ରାସ୍ତାପାର୍ଶ୍ୱରେ ଝୁଲୁଛି ବିଦ୍ୟୁତ୍ ତାର

**ଛେଣ୍ଡିପଦା, ୮।୫(ଡି.ଏନ.ଏ.)**

ଛେଣ୍ଡିପଦା ବ୍ଲକ ଜେରେଙ୍ଗ ଦେହୁରୀସାହି ରାସ୍ତାପାର୍ଶ୍ୱରେ ବିପଦଶଙ୍କୁଳ ଭାବେ ବିଦ୍ୟୁତ୍ ତାର ଓହଳି ରହିଛି। ଫଳରେ ଯେ କୌଣସି ମୁହୂର୍ତ୍ତରେ ଅଘଟଣ ଘଟିବା ଆଶଙ୍କା ଉପୁଜିଛି।

ସମ୍ପ୍ରତି ଅନୁଗୋଳ-ସମ୍ବଲପୁର ୫୫ ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଚାଲିଛି। ପୂର୍ବରୁ ଗ୍ରାମ ରାସ୍ତାପାର୍ଶ୍ୱରେ ବିଦ୍ୟୁତ୍ ଖୁଣ୍ଟ ପୋତାଯାଇଥିଲା। ହେଲେ ରାଜପଥ ସମ୍ପ୍ରସାରଣ ପାଇଁ ବିଭାଗ ନିର୍ଦ୍ଦେଶ କ୍ରମେ ଠିକାସଂସ୍ଥା ପକ୍ଷରୁ ସେଠାରୁ ଖୁଣ୍ଟ ସ୍ଥାନାନ୍ତର କରିଦିଆଯାଇଛି। ଖୁଣ୍ଟଗୁଡ଼ିକ ଅନ୍ୟୂନ୍ୟ ୪୦ ମିଟର ବ୍ୟବଧାନରେ ରହିବା କଥା। କିନ୍ତୁ ଏଠାରେ ଶହେ ମିଟର କିମ୍ବା ଉର୍ଦ୍ଧ୍ୱ ବ୍ୟବଧାନରେ ଖୁଣ୍ଟ ପୋତାଯାଇଥିବା ଦେଖିବାକୁ ମିଳିଛି। ସେହିପରି ଭାଗିରଥୀପୁର ଛକ ନିକଟରେ ଏକ ପୋଲ ପାଣି ନିଷ୍କାସନ ସ୍ଥାନରେ ଏକ ଖୁଣ୍ଟ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବର୍ଷାରେ ଖୁଣ୍ଟ ଭାଙ୍ଗିଯିବା ଆଶଙ୍କା ଥିଲେ ମଧ୍ୟ ଏହାର ମରାମତି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଗ୍ରାମବାସୀଙ୍କୁ ଏଚଟି ଏବଂ ଏଲ୍‌ଟି ଲାଇନ ଯୋଗେ ବିଭାଗ ପକ୍ଷରୁ ବିଦ୍ୟୁତ ସଂଯୋଗ କରାଯାଇଛି। ହେଲେ ବିଭାଗ ପକ୍ଷରୁ ନିମ୍ନମାନର କାମ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

■ପିଛା ଛାଡୁନି ବିବାଦ

# ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ଢିଲା

■ବେଡ୍‌ରୁ ଉଠି କେଉଁଆଡ଼େ ପଳାଇଥିଲେ ରୋଗୀ
■ସହର ମଧ୍ୟରୁ ଧରିଆଣି ଛାଡ଼ିଲା ପୋଲିସ
■କେବେ ଚେତିବେ କର୍ତ୍ତୃପକ୍ଷ




**ଅନୁଗୋଳ ଅଫିସ, ୮।୫**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ସୁରକ୍ଷା ବ୍ୟବସ୍ଥା ଢିଲା ପଡ଼ିଯାଇଛି। ଚିକିତ୍ସାଧୀନ ରୋଗୀ ବେଡ୍‌ରୁ ଉଠି ପଳାଇ ଯାଉଥିଲେ ବି କାର୍ଯ୍ୟରତ କର୍ମଚାରୀମାନେ ଏ ନେଇ କିଛି ଜାଣିପାରୁ ନାହାନ୍ତି। ସୋମବାର ବିଳମ୍ବିତ ରାତିରେ ଘଟିଥିବା ଏପରି ଏକ ଘଟଣାକୁ ନେଇ ପୁଣି ବିବାଦ ଘେରକୁ ଆସିଛି ଜିଲା ମୁଖ୍ୟ ଚିକିତ୍ସାଳୟ। ତେବେ ଖୋଜାଖୋଜି ପରେ ପଳାଇ ଯାଇଥିବା ରୋଗୀଙ୍କୁ ପୋଲିସ ସହର ମଧ୍ୟରୁ ଉଦ୍ଧାର କରି ପୁଣି ମେଡିକାଲରେ ଛାଡ଼ିଛି।

ମିଳିଥିବା ସୂଚନା ଅନୁଯାୟୀ, ଢେଙ୍କାନାଳ ଜିଲା ପରଜଙ୍ଗ ଥାନା କୁଟୁରିଆ ଗାଁର କ୍ଷେତ୍ର ପାତ୍ରଙ୍କୁ ଚିକିତ୍ସା ପାଇଁ ପରିବାର ଲୋକେ ସୋମବାର ମଧ୍ୟାହ୍ନରେ ଅନୁଗୋଳ ମେଡିକାଲକୁ ଆଣିଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଡାକ୍ତର ତାଙ୍କୁ ପୁରୁଷ ୱାର୍ଡରେ ଆଡମିଟ୍ କରିଥିଲେ। ବେଡ୍ ନଂ. ୪ରେ ତାଙ୍କ ଚିକିତ୍ସା ଚାଲିଥିଲା। ପ୍ରଥମେ ଇଞ୍ଜେକ୍ସନ୍ ଓ ପରେ ସାଲାଇନ୍ ଦିଆଯାଇ ଥିଲା। କିଛି ପରୀକ୍ଷା ନିରୀକ୍ଷା କରାଯିବା ପରେ ଅଧିକ ଚିକିତ୍ସା କରାଯିବ ବୋଲି ଡାକ୍ତର ପରାମର୍ଶ ଦେଇଥିଲେ। ତାଙ୍କ ଦେଖାଶୁଣା ପାଇଁ ସ୍ତ୍ରୀ ଓ ଜଣେ ସମ୍ପର୍କୀୟା ବେଡ୍ ନିକଟରେ ରହୁଥିଲେ। କିନ୍ତୁ ଉକ୍ତ ଦିନ ବିଳମ୍ବିତ ରାତିରେ କ୍ଷେତ୍ର ବେଡ୍ ଛାଡ଼ି କେଉଁଆଡ଼େ ପଳାଇ ଯାଇଥିଲେ। ୱାର୍ଡ ବାହାରେ ପୁଅ ସହ ମୋବାଇଲରେ କଥା ହେଉଥିବା ସ୍ତ୍ରୀ ବେଡ୍‌ରେ ସ୍ୱାମୀଙ୍କୁ ନ ପାଇ କର୍ମଚାରୀଙ୍କୁ ଜଣାଇବା ପରେ ଘଟଣା ପଦାକୁ ଆସିଥିଲା। ସ୍ୱାମୀଙ୍କୁ ବାହାରେ ଖୋଜାଖୋଜି କରିବାକୁ ଚାହିଁଥିଲେ ବି କର୍ମଚାରୀମାନେ କ୍ଷେତ୍ରଙ୍କ ସ୍ତ୍ରୀଙ୍କୁ ବାହାରକୁ ଛାଡ଼ି ନ ଥିଲେ। ଏପରି କି ସେମାନେ ଠିକ୍ ଭାବେ ଖୋଜାଖୋଜି ନ କରି ପରସ୍ପର ଉପରେ ଦୋଷ ଲଦାଲଦି ହେଉଥିଲେ। ପରେ କ୍ଷେତ୍ରଙ୍କ ସ୍ତ୍ରୀ ବାହାରକୁ ଆସି ବିଭିନ୍ନ ଲୋକଙ୍କୁ ପଚରାଉଚରା କରିଥିଲେ। ପାଟ୍ରୋଲିଂ କରୁଥିବା ପୋଲିସକୁ ମଧ୍ୟ ଜଣାଇଥିଲେ। ହେଲେ ସ୍ୱାମୀଙ୍କୁ ନ ପାଇ ସେ ମେଡିକାଲ ବାରଣ୍ଡାରେ ଦୀର୍ଘ ସମୟ ବସି ରହିଥିବା ଦେଖାଯାଇଥିଲା। ପରେ ପୋଲିସ ସହର ମଧ୍ୟରେ ଏଣେତେଣେ ବୁଲୁଥିବା କ୍ଷେତ୍ରଙ୍କୁ ଉଦ୍ଧାର କରି ମେଡିକାଲରେ ଛାଡ଼ିଥିବା ତାଙ୍କ ସ୍ତ୍ରୀ କହିଛନ୍ତି।

ଏ ସମ୍ପର୍କରେ ମେଡିକାଲ କର୍ମଚାରୀମାନେ କହିଛନ୍ତି, ନିଶା ଥାନା ଅଞ୍ଚଳରୁ ଜଣେ ବିଷପାନ ରୋଗୀଙ୍କ ଚିକିତ୍ସା ପାଇଁ ୱାର୍ଡରେ ସମସ୍ତେ ବ୍ୟସ୍ତ ଥିବାରୁ ଜାଣିପାରି ନ ଥିଲୁ। ତେବେ ମେଡିକାଲ କର୍ତ୍ତୃପକ୍ଷ ଘଟଣା ସମ୍ପର୍କରେ ଜାଣି ନ ଥିବା ସଫେଇ ଦେଇଛନ୍ତି।

ଧରିତ୍ରୀ
DHARITRI
ଢେଙ୍କାନାଳ, ଗୁରୁବାର, ୯ ମେ , ୨୦୧୯



## ସଂକ୍ଷେପରେ

### ସିବିଏସଇ ଦଶମ ପରୀକ୍ଷାରେ ଆଦର୍ଶ ବିଦ୍ୟାଳୟର ସଫଳତା

ଆନନ୍ଦପୁର, ୮।୫(ସ୍ୱ.ପ୍ର.)- ଶାଳପଡ଼ାଠାରେ ଥିବା ଆନନ୍ଦପୁର ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଚଳିତ ସିବିଏସଇ ଦଶମ ପରୀକ୍ଷାରେ ସଫଳତାର ସହିତ ଉତ୍ତୀର୍ଣ୍ଣ ହୋଇଛନ୍ତି। ମୋଟ ୬୦ ଜଣ ଛାତ୍ରୀଛାତ୍ର ଦଶମ ପରୀକ୍ଷା ଦେଇଥିବାବେଳେ ସେଥିମଧ୍ୟରୁ ୪୪ ଜଣ ୬୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖିଥିବାବେଳେ ସେଥିରୁ ୩୩ ଜଣ ୭୫ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ଏବଂ ୧୪ ଜଣ ୯୦ ପ୍ରତିଶତରୁ ଉର୍ଦ୍ଧ୍ୱ ମାର୍କ ରଖି ବିଦ୍ୟାଳୟ ପାଇଁ କୃତିତ୍ୱ ହାସଲ କରିଛନ୍ତି। ନିଖିଳ ଭୁୟାଁ ୯୫.୮ ପ୍ରତିଶତ ମାର୍କ ରଖି ପ୍ରଥମ ସ୍ଥାନ ଅଧିକାର କରିଥିବାବେଳେ ଓମ ଅବିନାଶ ଚକ୍ର ୯୪.୮, ଶୁଭାଶିଷ ସାହୁ ୯୪.୮, ଅନ୍ୱେଷା ବେହେରା ୯୪.୨, ପ୍ରତୀକ କୁମାର ରାଉତ ୯୪, ଦେବୀକୃପା ଜେନା ୯୩.୮, ଓମ୍ ପ୍ରକାଶ ଜେନା ୯୩ .୪, ପ୍ରତି ପ୍ରିୟଙ୍କା ପୃଷ୍ଟି ୯୩.୨, ଶୁଭଲକ୍ଷ୍ମୀ ରାଉତ ୯୨.୮, ବିଷ୍ଣୁପ୍ରିୟା ସାହୁ ୯୨.୬, ମୋନାଲିସା ମହାପାତ୍ର ୯୨.୬, ଓମକାର ପଣ୍ଡା ୯୦.୬, ଋତୁପର୍ଣ୍ଣା ଆଚାର୍ଯ୍ୟ ୯୦.୪, ବର୍ଷାରାଣୀ ସାହୁ ୯୦ ପ୍ରତିଶତ ମାର୍କ ରଖିଛନ୍ତି। ବିଦ୍ୟାଳୟର ଏହି ସଫଳତାକୁ ନେଇ ଅଧକ୍ଷ ସତ୍ୟବ୍ରତ ସାମଲ ସମସ୍ତ କୃତୀ ଛାତ୍ରୀଛାତ୍ର, ଶିକ୍ଷୟତ୍ରୀ ଶିକ୍ଷକ, ଅଭିଭାବକ ଓ କର୍ମଚାରୀବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହିତ ଆଗାମୀ ଦିନରେ ଏହି ସଫଳତା ହାରକୁ ବଜାୟ ରଖିବା ପାଇଁ ଉଦ୍ୟମ କରିବେ ବୋଲି କହିଛନ୍ତି।

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

ରାଇସୁଆଁ, ୮।୫(ଡି.ଏନ.ଏ.)- କେନ୍ଦୁଝର ଜିଲା ସଦର ଥାନା ଅନ୍ତର୍ଗତ ବୋଦାପଲସା ଅଞ୍ଚଳରୁ ଏକ ନାବାଳିକା ଅପହରଣ ଅଭିଯୋଗରେ ସଦର ଥାନାରେ ମାମଲା ଦାଏର ହୋଇଥିବା ସୂଚନା ମିଳିଛି। ସେ ତାଙ୍କ ଅଜା ଘରକୁ ବୁଲିବାକୁ ଆସିଥିଲେ। ଏପ୍ରିଲ ୨୯ରୁ ସେ ନିଖୋଜ ଅଛନ୍ତି। ପରିବାର ପକ୍ଷରୁ ବହୁ ଖୋଜା ଖୋଜି ପରେ ମଧ କୌଣସି ପତ୍ତା ନ ମିଳିବାରୁ ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ମା' ତାଙ୍କ ଝିଅ କୁ କେହି ଅପହରଣ କରିନେଇଥିବା କହିବା ସହ ତୁରନ୍ତ ଉଦ୍ଧାର କରିବାକୁ ସଦର ଥାନାରେ ଆକୁଳ ନିବେଦନ କରିଛନ୍ତି।

### ରାସ୍ତାରେ ମାଡ଼ ମାରି ଲୁଟ୍

ପାଟଣା, ୮।୫(ସ୍ୱ.ପ୍ର.)-କେନ୍ଦୁଝର ଜିଲା ତୁରୁମୁଙ୍ଗା ଥାନା କଣ୍ଟିଆପଡା ହୁଡ଼ି ନିକଟରୁ ବୁଧବାର ଅପରାହ୍ଣରେ ୩ଜଣ ଦୁର୍ବୃତ୍ତ ଜଣେ ଏଲଆଇସି ଏଜେଣ୍ଟଙ୍କୁ ମାଡ଼ମାରି ୨୩ହଜାର ଟଙ୍କା ଲୁଟି ନେଇଥିବା ଅଭିଯୋଗ ହୋଇଛି। ଏଜେଣ୍ଟ ଜଣକ ହେଉଛନ୍ତି ସାହାରପଡା ବ୍ଲକ ଦିଗପଶି ଗ୍ରାମର ଭୀମସେନ ମହାନ୍ତ। ସେ ନିଜ ଗ୍ରାମରୁ ଏଲଆଇସି ଟଙ୍କା ଆଦାୟ କରି କେନ୍ଦୁଝର ଅଫିସକୁ ଜମା କରିବା ପାଇଁ ଯାଉଥିବା ବେଳେ ପଛରୁ ୩ ଦୁର୍ବୃତ୍ତ ଏକ ନାଲି ପଲସରରେ ଆସି ତାଙ୍କୁ ଅଟକାଇଥିଲେ। ସେମାନେ ଭୀମସେନଙ୍କୁ ମାଡ଼ମାରିବା ସହିତ ବେକ ପଛ ପଟକୁ ବ୍ଲେଡ଼ରେ ଆକ୍ରମଣ କରି ଏକ ବ୍ୟାଗ୍‌ରେ ଥିବା ୧୮ ହଜାର ଓ ପର୍ସରେ ଥିବା ୫ ହଜାର ଟଙ୍କା ଲୁଟି ନେଇ ଚମ୍ପଟ ମାରିଥିଲେ। ତାଙ୍କର ମୋବାଇଲ, ଏକ କ୍ୟାମେରା ଓ କେତେକ ଗୁରୁତ୍ୱପୂର୍ଣ୍ଣ କାଗଜ ସେମାନେ ମଧ ଲୁଟିନେଇଥିଲେ। ତୁରୁମୁଙ୍ଗା ଥାନାକୁ ଭୀମସେନ ଖବର ଦେବା ପରେ ପୋଲିସ ପହଞ୍ଚି ତଦନ୍ତ ଚଳାଇଛି।

### ଗାଡ଼ି ଚାଳକଙ୍କୁ ପୋଲିସର ମାଡ଼

କେନ୍ଦୁଝର, ୮।୫(ଡି.ଏନ.ଏ.)- ଭୁବନେଶ୍ୱରରୁ କେନ୍ଦୁଝରକୁ ବିଭିନ୍ନ ଖବର କାଗଜ ନେଇ ଆସୁଥିବା ମହିନ୍ଦ୍ରା କ୍ୟାମ୍ପର ଗାଡି ଚାଳକଙ୍କୁ କେନ୍ଦୁଝର ପୋଲିସ ମାଡ଼ ମାରିବା ଘଟଣା ସାମ୍ବାଦିକ ମହଲରେ ତୀବ୍ର ପ୍ରତିକ୍ରିୟା ସୃଷ୍ଟି କରିଛି। ପ୍ରତ୍ୟେକ ଦିନ ଭଳି ମଙ୍ଗଳବାର ଭୋର ସମୟରେ ଏକ ଗାଡ଼ିରେ ଭୁବନେଶ୍ୱରରୁ ବିଭିନ ଖବରକାଗଜ ଆଣୁଥିବାବେଳେ ଟାଉନଥାନା ଅଞ୍ଚଳର ଲାବଣ୍ୟ ଛକଠାରେ ଗାଡିକୁ ପିସିଆର ଭ୍ୟାନରେ ଥିବା ପୋଲିସ ଅଟକାଇ ଚାଳକଙ୍କୁ ମାଡ଼ ମାରିଥିଲେ। ପୋଲିସର ମାଡ଼ ମାରିବା ଘଟଣା ବିରୋଧରେ ଗାଡ଼ି ଚାଳକ ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଟାଉନ ଥାନା ଅଧିକାରୀ ସୋମନାଥ ଜେନାଙ୍କ ସହ ଯୋଗାଯୋଗ କରିବାରୁ ଘଟଣାର ତଦନ୍ତ କରି ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଛନ୍ତି।

# ବିଶ୍ୱର ସର୍ବୋଚ୍ଚ ରଥର ହେଉନି ସୁରକ୍ଷା

କେନ୍ଦୁଝର, ୮।୫ (ସ୍ୱ.ପ୍ର.)

- ଚାରିପାର୍ଶ୍ୱରେ ସୁରକ୍ଷା ବାଡ଼ ଦାବି
- ସୌନ୍ଦର୍ଯ୍ୟ ବୃଦ୍ଧି ଲାଗି ଆଲୋକୀକରଣ ବ୍ୟବସ୍ଥା


ରଥଯାତ୍ରା ପରେ ଅଲୋଡ଼ା ବଳଦେବଜୀଉଙ୍କ ରଥ।

କେନ୍ଦୁଝର ର ଶ୍ରୀ ଶ୍ରୀ ବଳଦେବଜୀଉଙ୍କ ରଥ ବିଶ୍ୱର ସର୍ବୋଚ୍ଚ ରଥ ଭାବରେ ବିଭିନ୍ନ ସଂସ୍ଥା ପକ୍ଷରୁ ବିବେଚନା ହେବା ପରେ ଏହି ରଥ ଜିଲା ଓ ରାଜ୍ୟ ପାଇଁ ବିଶ୍ୱସ୍ତରରେ ଗୌରବ ଆଣିଛି । ଏବେ ଏହି ରଥ କୁ ଦେଖିବାକୁ ବହୁ ଲୋକ ବାହାରୁ ଆସୁଛନ୍ତି। ଆଗକୁ ରଥ ଯାତ୍ରା ଥିବାରୁ ଚଳିତ ବର୍ଷ ଅଧିକ ସଂଖ୍ୟକ ପର୍ଯ୍ୟଟକ ଆସିବାର ସମ୍ଭାବନା ରହିଛି । ଏଣୁ ଏନେଇ ପ୍ରଶାସନ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରିବାକୁ ଦାବି ହେଉଛି । କିନ୍ତୁ ରଥର ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

ପ୍ରକାଶ ଯେ ୪ ଶହ ବର୍ଷରୁ ଉର୍ଦ୍ଧ୍ୱ ପୁରୁଣା ପରମ୍ପରା କେନ୍ଦୁଝରର ଶ୍ରୀ ବଳଦେବଜୀଉଙ୍କ ରଥ ବିଶ୍ୱ ସ୍ତରରେ ସ୍ୱତନ୍ତ୍ର ସ୍ଥାନ ଗ୍ରହଣ କରିଥିବା ବେଳେ ରାଜତନ୍ତ୍ର ଓ ଆଦିବାସୀ ପରମ୍ପରାରେ ସମୃଦ୍ଧ ଏହି ରଥଯାତ୍ରାର ଗୁରୁତ୍ୱ ଏବେ ବୃଦ୍ଧି ପାଇବାକୁ ଯାଉଛି। ଏଠାରେ ରଥଯାତ୍ରା ସମୟରେ ଶ୍ରୀ ଜୀଉ ମାନେ ଗୁଣ୍ଡିଚା ମନ୍ଦିରକୁ ନନ୍ଦିଘୋଷ ରଥରେ ଆରୁଢ ହୋଇ ଯାତ୍ରା କରିଥାନ୍ତି। ତେବେ ବିଶ୍ୱ ସ୍ତରରେ ପହଞ୍ଚାଇଥିବା ଏହି ନନ୍ଦିଘୋଷ ରଥ ପ୍ରତ୍ୟେକ ବର୍ଷ ରଥଯାତ୍ରା ପରେ ଅଲୋଡା ହୋଇପଡେ। ପରିତ୍ୟକ୍ତ ଅବସ୍ଥାରେ ଏହି ରଥ ଶ୍ରୀଜୀଉଙ୍କ ମନ୍ଦିର ଆଗରେ ଖରାବର୍ଷା ଓ ଶୀତକାକରରେ ଠିଆହୋଇ ରହିଥାଏ। ରଥକାଠ ନଷ୍ଟ ହୋଇଯାଏ ଏବଂ ରଥଯାତ୍ରା ଆସିଲେ ଏହାକୁ ନୂଆପୁରୁଣା କାଠରେ ମରାମତି କରି ବ୍ୟବହାର କରାଯାଇଥାଏ।

କାଠର ଅଭାବ ଯୋଗୁଁ ପୁରୁଣା କାଠକୁ ବ୍ୟବହାର କରାଯାଏ ଏବଂ ଗଢିବାରେ ସୁବିଧା ଦୃଷ୍ଟିରୁ ରଥକୁ ଖୋଲା ନ ଯାଇ ମରାମତି କରି ବ୍ୟବହାର କରାଯାଇଥାଏ । ଜିଲାରେ କାଠର ଅଭାବ ନାହିଁ । ସେହିପରି ଠାକୁରଙ୍କ ଅପାର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଥିବାରୁ ଅର୍ଥର ଅଭାବ ନାହିଁ। ଠାକୁରଙ୍କ ବିସ୍ତୃତ ଜଙ୍ଗଲ ଜମି ମଧ ରହିଛି। ଏଥିରେ ବନ ବିଭାଗ ଲାଭବାନ ହେଉଛନ୍ତି। କିନ୍ତୁ ପ୍ରଶାସନିକ ସମନ୍ୱୟ ଅଭାବରୁ ରଥଯାତ୍ରା ସମୟରେ ବ୍ୟବହୃତ କାଠ ପାଇଁ ବନ ବିଭାଗକୁ ରୟାଲଟି ଦିଆଯାଉଥିବା ଘଟଣା ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ବରିଷ୍ଠ ବ୍ୟକ୍ତି ନବକିଶୋର ସାହୁ କହିଛନ୍ତି।

ଏହାର ଚାରିପାଖରେ ସୁରକ୍ଷା ବାଡ ନ ଥିବାରୁ ଏହା ଉପରକୁ ଯିଏ ପାଇଲା ଚଢିଯାଉଛନ୍ତି। ସେହିପରି ଏହା ଭିତରକୁ ବୁଲା କୁକୁର, ଗୋରୁଗାଇ ମାନଙ୍କ ଅବାଧ ପ୍ରବେଶ ରହୁଥିବାରୁ ଅପରିଷ୍କାର ପରିବେଶ ସୃଷ୍ଟି କରୁଛି । ଅନେକ ସମୟରେ ମଦ୍ୟପ ତଥା ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟ ଏହାର ପରିବେଶ ଓ ପବିତ୍ରତାକୁ ନଷ୍ଟ କରୁଥିବା ଅଭିଯୋଗ ହେଉଛି। ଫଳରେ ଭକ୍ତ ମାନଙ୍କ ମଧରେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ଏହା ତଳେ ବସି ଲୋକ ମାନେ ମଧ ପରିବା ଅନ୍ୟାନ୍ୟ ସାମଗ୍ରୀ ବିକ୍ରି କରୁଛନ୍ତି।

ଏହି ରଥ ଚାରିପାଖରେ ସୁରକ୍ଷା ବାଡ ଦେବା ସହ ରାତିରେ ଏହା ଦୃଶ୍ୟମାନ ହେବା ପାଇଁ ଆଲୋକ ବ୍ୟବସ୍ଥା କରାଗଲେ ଏଠାକୁ ବର୍ଷତମାମ ଭକ୍ତ ତଥା ପର୍ଯ୍ୟଟକଙ୍କ ଆଗମନ ହେବ ବୋଲି ସଂସ୍କୃତି ପ୍ରେମୀ ମତପ୍ରକାଶ ପାଉଛି । ଏହାଛଡା ବାହାରୁ ଅଧିକ ପର୍ଯ୍ୟଟକ ଓ ଭକ୍ତ ଆସିବା ସମ୍ଭାବନା ଥିବାରୁ ଚଳିତ ବର୍ଷ ରଥଯାତ୍ରା ଏବଂ ଏହା ପୂର୍ବରୁ ଚାଲୁଥିବା ଚନ୍ଦନଯାତ୍ରା ତଥା ଅନ୍ୟାନ୍ୟ ଉତ୍ସବ ଗୁଡିକୁ ଅଧିକ ଉତ୍ସାହର ସହ ପାଳନ କରିବାକୁ ଦାବି ହେଉଛି।

ଉପଜିଲାପାଳ ତଥା ନିର୍ବାହୀ ଅଧିକାରୀ ଦେବତୋର ବିଭାଗ ସୋମନାଥ ପ୍ରଧାନଙ୍କୁ ପଚାରିବାରୁ ବିଶ୍ୱର ସର୍ବୋଚ୍ଚ ରଥ ତଥା ଜିଲାର ଗୌରବ ଏହି ରଥର ସୁରକ୍ଷା ପାଇଁ ଓ ରଥଯାତ୍ରାକୁ ଭଲ ଭାବେ ପାଳନ କରିବାକୁ ପାଇଁ ନିଶ୍ଚିତ ଭାବେ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ୪୦ ଡିଗ୍ରୀ ଉପରେ ପାରଦ

କେନ୍ଦୁଝର, ୮।୫(ଡି.ଏନ.ଏ.)

ଫନୀର ପ୍ରଭାବରେ କେନ୍ଦୁଝରରେ ପ୍ରାୟ ଦିନେ ଦୁଇଦିନ ପାଗ ସ୍ୱାଭାବିକ ରହିଥିଲା। ଏହା ପରେ ପରେ ଗତ ୫ ତାରିଖଠାରୁ ଜିଲାରେ ତାପମାତ୍ରା ଧୀରେ ଧୀରେ ବୃଦ୍ଧି ପାଇ ପୁଣି ୪୦ ଡିଗ୍ରୀ ଉପରେ ରହିଛି। ଲୋକମାନେ ତାତିରେ ଅସ୍ତବ୍ୟସ୍ତ ହୋଇପଡୁଛନ୍ତି। ଦିନ ୧୧ଟା ପରେ ରାସ୍ତା ଘାଟ ଖାଁ ଖାଁ ହୋଇଯାଉଛି। ଥଣ୍ଡା ପାନୀୟ, ପଇଡ, ତରଭୁଜ ପ୍ରଭୃତି ଦୋକାନରେ ଲୋକମାନଙ୍କର ଭିଡ ପରିଲକ୍ଷିତ ହେଉଛି। ଜରୁରୀ କାମ ନ ଥିଲେ ଲୋକମାନେ ଘରୁ ବାହାରିବାକୁ ଭୟ କରୁଛନ୍ତି। କେନ୍ଦୁଝରର ଜଳବାୟୁ ସାଧାରଣତଃ ଏତେଟା ଗରମ ଅନୁଭୂତ ହୋଇ ନ ଥାଏ। ବିଗତ ଦିନରେ କେନ୍ଦୁଝରର ରାସ୍ତା ନିର୍ମାଣ ଆଳରେ ବ୍ୟାପକ ଗଛ କଟା, ଜଙ୍ଗଲ ପୋଡି, ଗାଡିମୋଟର ବୃଦ୍ଧି ଯୋଗୁ ତାତି ଦିନକୁ ଦିନ ବୃଦ୍ଧି ପାଇ ଜନଜୀବନ ଅସ୍ତବ୍ୟସ୍ତ କରି ପକାଉଛି।

## ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀ ଗୁରୁତର

ହାଟଡିହୀ, ୮।୫(ସ୍ୱ.ପ୍ର.)

ହାଟଡିହୀ ବ୍ଲକ ରମ୍ଭାସଠାରେ ବାଲି ବୋଝେଇ ଟ୍ରାକ୍ଟର ଧକ୍କାରେ ସାଇକେଲ ଆରୋହୀ ଗୁରୁତର ହୋଇଥିବା ଜଣାପଡିଛି। ମଙ୍ଗଳବାର ଅପରାହ୍ଣରେ ଏହି ଦୁର୍ଘଟଣା ଘଟିଛି । ଆହତ ବ୍ୟକ୍ତି ଜଣକ ହେଲେ ହାଟଡିହୀ ବ୍ଲକ ଅନ୍ତର୍ଗତ ଖେତୁଆଳି ଗ୍ରାମର କଳାକାର ରାଉତ(୫୬) । ସେ ସାଇକେଲରେ ଯାଉଥିବାବେଳେ ଦ୍ରୁତ ଗତିରେ ବାଲି ଧରି ଆସୁଥିବା ଟ୍ରାକ୍ଟରଟି ପଛପଟୁ ଧକ୍କା ଦେଇଥିଲା । ସାଇକେଲଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିବାବେଳେ ବ୍ୟକ୍ତି ଜଣଙ୍କ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଉଦ୍ଧାର କରି ତୁରନ୍ତ ଚିକିତ୍ସା ପାଇଁ ଭଦ୍ରକ ମେଡିକାଲ ପଠାଯାଇଛି । ପ୍ରକାଶ ଯେ ବାଲି ମାଫିଆମାନେ ଅସାଧୁ ଉପାୟରେ ପ୍ରତିଦିନ ଶହ ଶହ ଟ୍ରିପ ବାଲି ଡମ୍ପର, ହାଇୱା ଓ ଟ୍ରାକ୍ଟର ମାଧ୍ୟମରେ ଓଭର ଲୋଡିଂ ହୋଇ ଏହି ଅଣା-ସମଣା ରାସ୍ତାରେ ଚୋରା ଚାଲାଣ ହେଉଛି। ମଦ୍ୟପ ଡ୍ରାଇଭରଙ୍କ ବେପରୁଆ ଗାଡିଚାଳନା ଓ ଖରାପ ରାସ୍ତା ଯୋଗୁ ବାରମ୍ବାର ଦୁର୍ଘଟଣା ଘଟି ଚାଲିଛି। ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ତରଫରୁ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନିଆଯାଉନି । ଏଥିଲାଗି ଜନ ଅସନ୍ତୋଷ ବଢିଚାଲିଛି। ଏଣୁ ଉଚ୍ଚ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

## ବିଶ୍ୱ ରେଡ୍‌କ୍ରସ ଦିବସ ପାଳିତ



ସମାରୋହରେ ଉପସ୍ଥିତ ଅତିଥିମାନେ।

କେନ୍ଦୁଝର, ୮।୫(ଡି.ଏନ.ଏ./ସ୍ୱ.ପ୍ର.)

ଭାରତୀୟ ରେଡ୍‌କ୍ରସ୍ ସଂସ୍ଥା, କେନ୍ଦୁଝର ଜିଲା ଶାଖା ଆନୁକୂଲ୍ୟରେ ବୁଧବାର ବିଶ୍ୱ ରେଡ୍‌କ୍ରସ୍ ଦିବସ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ଦରବାର ହଲ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ଅତିଥି ଓ ବକ୍ତାମାନେ ରେଡ୍‌କ୍ରସ୍ ବାର୍ତ୍ତାକୁ ସୁଦୂରପ୍ରସାରୀ କରିବାକୁ ଆହ୍ୱାନ ଜଣାଇଛନ୍ତି । ଏହି ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଅତିରିକ୍ତ ଜିଲାପାଳ ତଥା ଜିଲା ରେଡ୍‌କ୍ରସ୍ ଶାଖାର ଉପାଧ୍ୟକ୍ଷ ଡ଼ଃ ଭକ୍ତ ଚରଣ ପ୍ରଧାନ ଯୋଗଦେଇ ରେଡ୍‌କ୍ରସ୍‌କୁ ସେବା ଓ ମମତାର ପ୍ରତୀକ ଭାବେ ଅଭିହିତ କରି ଏହାକୁ ଅଧିକ କ୍ରିୟାଶୀଳ ଓ ବ୍ୟାପକ କରିବା ନିମନ୍ତେ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ । ମୁଖ୍ୟବକ୍ତା ଭାବେ ଯୋଗଦେଇ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସଞ୍ଜୀବ ବାରିକ କେନ୍ଦୁଝର ଜିଲା ରେଡ୍‌କ୍ରସ୍‌ର ଗାରିମାମୟ ଐତିହ୍ୟ ଓ ପରମ୍ପରା ରହିଛି ବୋଲି କହିବା ସହିତ ନୂତନ ପିଢିଙ୍କୁ ରେଡ୍‌କ୍ରସ୍‌ର ମହାସ୍ରୋତରେ ସାମିଲ୍ କରିବାକୁ ଆହ୍ୱାନ ଜଣାଇଥିଲେ । ଭାରତୀୟ ରେଡ୍‌କ୍ରସ ସଂସ୍ଥା ଜିଲାଶାଖାର ନନ୍‌ଅଫିସିଆଲ୍ ଭାଇସ୍ ଚେୟାରପର୍ସନ ଧରିତ୍ରୀ ରାଉତ, କାର୍ଯ୍ୟକାରିଣୀ ବରିଷ୍ଠ ସଦସ୍ୟ ଧୀରେନ୍ଦ୍ର ରାଉତ ଏହି ଦିବସରେ ବକ୍ତବ୍ୟ ପ୍ରଦାନ କରି ରେଡ୍‌କ୍ରସ୍‌କୁ ଏକ ଅନ୍ତର୍ଜାତୀୟ ମହାନ ସେବା ଅନୁଷ୍ଠାନ ବୋଲି କହିଥିଲେ। ଭାରତୀୟ ରେଡ୍‌କ୍ରସ ସଂସ୍ଥା ଜିଲାଶାଖାର ଯୁଗ୍ମ ସଂପାଦକ ଏ.ଆର୍.ଖାନ୍ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରି କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି ଅବସରରେ ରେଡ୍‌କ୍ରସର ଆଜୀବନ ସଦସ୍ୟତା ଗ୍ରହଣ କରିଥିବା ବ୍ୟକ୍ତିବିଶେଷଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ଏବଂ କେନ୍ଦୁଝର ସ୍କୁଲ୍ ଅଫ ଇଞ୍ଜିନିୟରିଂ ଅନୁଷ୍ଠାନରେ ଯୁବ ରେଡ୍‌କ୍ରସ୍ ୟୁନିଟ୍ ସ୍ଥାପନ ପରିପ୍ରେକ୍ଷୀରେ ଉକ୍ତ ଅନୁଷ୍ଠାନକୁ ରେଡ୍‌କ୍ରସ୍‌ର ମୌଳିକ ନିୟାମକ ପ୍ରଦାନ କରାଯାଇଥିଲା।

## ଶ୍ରୀ ଜୀଉଙ୍କ ଚାପ ଖେଳ, ରଥ ଅନୁକୂଳ ଆରମ୍ଭ

କେନ୍ଦୁଝର, ୮।୫ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର ଆରାଧ୍ୟ ଶ୍ରୀଶ୍ରୀ ବଳଦେବଜୀଉଙ୍କ ଚନ୍ଦନ ଯାତ୍ରା ଓ ରଥ ଅନୁକୂଳ ମଙ୍ଗଳବାର ଅକ୍ଷୟତୃତୀୟା ଦିନ ମଙ୍ଗଳବାର ଆରମ୍ଭ ହୋଇଛି। ରଥଯାତ୍ରା ପୂର୍ବରୁ ଶ୍ରୀ ଜୀଉ ମାନଙ୍କ ଚାପଖେଳ ପରମ୍ପରା ବହୁ ଆଗରୁ ଚାଲିଆସୁଛି । ଏହା ୨୧ ଦିନ ଧରି ଚାଲିବ। ପ୍ରତ୍ୟେକ ଦିନ ଶ୍ରୀ ଜୀଉ ବଡଦେଉଳରୁ ଏକ ଶୋଭାଯାତ୍ରାରେ ବାହାରି ମାଟିଆବନ୍ଧ ପୋଖରୀ (ଚନ୍ଦନ ପୋଖରୀ) କୁ ଯାଇ ଚାପ ଖେଳ ସାରି ଦେଉଳ କୁ ଫେରନ୍ତି। ପୋଖରୀରେ ଶ୍ରୀ ଜିଉ ମାନେ ଚାପରେ ବସି ୭ ବେଢା ପରିକ୍ରମା କରିଥାନ୍ତି। ଶେଷ ଦିନ ୨୧ ବେଢା ପରିକ୍ରମା କରିଥାନ୍ତି। ବିମାନରେ ବଡମନ୍ଦିରରୁ ମଦନମୋହନ ଓ ରାଜଉଆସରୁ ଜୟଗୋପାଳ ଭଗବାନ ବିଜେ ହୋଇ ଚାପ ଖେଳିବାକୁ ଯାଇଥାନ୍ତି। ପରମ୍ପରା ଭାବେ ଶୋଭାଯାତ୍ରାରେ ଦେବାଦେବୀ ମନ୍ଦିରରୁ ଚନ୍ଦନ ପୋଖରୀକୁ ଯାଇଥାନ୍ତି। ମାଟିଆ ବନ୍ଧ ମଝିରେ ରହିଛି ଚନ୍ଦନ ମଣ୍ଡପ। ପ୍ରତ୍ୟେକ ଦିନ ଶ୍ରୀ ଜୀଉ ମାନେ ଚାପରେ ଚନ୍ଦନ ମଣ୍ଡପ କୁ ଯାଇ ଦୈନିକ ପୂଜା ପାଇଥାନ୍ତି। ତାପରେ ପୋଖରୀରେ ଚାପ ଖେଳ ସାରି ଫେରନ୍ତି।

## ମାର୍କେଟରୁ ଆବର୍ଜନା ସଫେଇ ହେଉନି

କେନ୍ଦୁଝର, ୮।୫ (ସ୍ୱ.ପ୍ର.)

କେନ୍ଦୁଝର ଡେଲି ମାର୍କେଟରୁ ବାହାରୁ ଥିବା ମଇଳା ଆବର୍ଜନା ନିୟମିତ ସଫେଇ ହେଉ ନ ଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ବେପାରୀ, ଚାଷୀ ବସୁଛନ୍ତି। ଅନ୍ୟପକ୍ଷରେ ଏଭଳି ପରିବେଶରେ ପନିପରିବା ଓ ଡେଲି ମାର୍କେଟକୁ ସାମଗ୍ରୀ କିଣିବାକୁ ଆସୁଥିବା ଖାଉଟି ମାନେ ଅଣନିଃଶ୍ୱାସୀ ହୋଇପଡୁଛନ୍ତି। କିନ୍ତୁ ଏହି ମଇଳା ଆବର୍ଜନା ସଫେଇ କରିବା ପାଇଁ ମାର୍କେଟ କମିଟି ଏବଂ ପୌରପାଳିକା ଉଭୟଙ୍କ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଉନାହିଁ। ଫଳରେ ଅସନ୍ତୋଷ ବୃଦ୍ଧିପାଇବାରେ ଲାଗୁଛି। ଏହି ମାର୍କେଟରୁ ଉଭୟ କମିଟି ଓ ପୌରପାଳିକା ଦୋକାନୀ, ବେପାରୀ ତଥା ଚାଷୀ ମାନଙ୍କ ଠାରୁ ଫି ନିୟମିତ ଆଦାୟ କରୁଥିଲେ ହେଁ ସେମାନଙ୍କ ପାଇଁ କୌଣସି ସୁବିଧା କରୁନଥିବାରୁ ଅସନ୍ତୋଷ ବଢୁଛି। ମଇଳା ଆବର୍ଜନା ମଧ୍ୟରେ ପାହାଡରୁ ଆସୁଥିବା ବନବାସୀ, ଚାଷୀ ତଥା ଛୋଟ ଛୋଟ ବେପାରୀ ମାନେ ବସି ସେମାନଙ୍କ ସାମଗ୍ରୀ ବିକ୍ରି କରିଥାନ୍ତି। ଦୁର୍ଗନ୍ଧ ପୁତିମୟ ପରିବେଶ ସାଙ୍ଗକୁ ମଇଳାଆବର୍ଜନା ପାଇଁ ବୁଲାକୁକୁର, ଗୋରୁଗାଇ, ଷଣ୍ଢଙ୍କ ପ୍ରାଦୁର୍ଭାବ ଯୋଗୁଁ ସମସ୍ତେ ନୟାନ୍ତ ହୋଇପଡୁଛନ୍ତି। ବର୍ଷା ହେଲେ ପରିସ୍ଥିତି ଅଧିକ ସଙ୍ଗୀନ ହୋଇପଡୁଛି । ଏପରିକି ବ୍ୟବସାୟୀ, ବେପାରୀ ତଥା ଚାଷୀ ମାନଙ୍କ ପାଇଁ ପିଇବା ପାଣି ର ସୁବ୍ୟବସ୍ଥା କରାଯାଇନାହିଁ । ପରିଶ୍ରାଗାର ଅଛି କିନ୍ତୁ ସଫେଇ ହେଉନଥିବାରୁ ବ୍ୟବହାର ହେଉନାହିଁ । ଡ୍ରେନରେ ପାଣି ନିଷ୍କାସନ ହେଉନାହିଁ। ପୌରପାଳିକା ଓ ମାର୍କେଟ କମିଟି ମଧ୍ୟରେ ସମନ୍ୱୟ ଅଭାବରୁ ଏଭଳି ସ୍ଥିତି ସୃଷ୍ଟି ହୋଇଛି ବୋଲି ବେପାରୀ ମାନେ ମତବ୍ୟକ୍ତ କରୁଛନ୍ତି। ମାର୍କେଟ କମିଟି ପକ୍ଷରୁ ଧିରେନ୍ଦ୍ର ରାଉତ କହିଛନ୍ତି ଯେ ପୌରପାଳିକାକୁ କମିଟି ପକ୍ଷରୁ ପଇସା ଜମା କରାଯାଉଛି । କିନ୍ତୁ ପୌରପାଳିକା ନିୟମିତ ସଫେଇ କରୁନଥିବାରୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଛି । ଏଣୁ ଏନେଇ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହେଉଛି।


ଆବର୍ଜନା ଗଦାହୋଇ ପଡ଼ିଛି।

## ବିପର୍ଯ୍ୟୟର ମୁକାବିଲା ଲାଗି ସଜାଗ ରହିବା ଆବଶ୍ୟକ

ଆନନ୍ଦପୁର, ୮।୫(ସ୍ୱ.ପ୍ର.)

ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟରେ ରାଜ୍ୟର ଉପକୂଳବର୍ତ୍ତୀ ଓ ତତ୍‌ସଂଲଗ୍ନ ଅଞ୍ଚଳ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଆସୁଛି। ଭଦ୍ରକ ଜିଲାକୁ ଲାଗିଥିବା କେନ୍ଦୁଝର ଜିଲାର ଆନନ୍ଦପୁର ଅଞ୍ଚଳ ଉପରେ ମଧ ବିଭିନ୍ନ ସମୟରେ ପ୍ରାକୃତିକ ବିପର୍ଯ୍ୟୟ ଦାଉ ସାଧୁଛି। ଫନୀ ବାତ୍ୟା ପ୍ରଭାବରେ ଆନନ୍ଦପୁରର ବ୍ୟାପକ କ୍ଷତି ଘଟିଛି। ବାତ୍ୟା ଓ ବନ୍ୟା ପରିସ୍ଥିତିର ମୁକାବିଲା ଲାଗି ପ୍ରଶାସନ ଏଠାରେ ରେଡ୍ ଆଲର୍ଟ ଜାରି କରୁଥିଲେ ମଧ ବିପର୍ଯ୍ୟୟ ମୁକାବିଲା ଲାଗି ଆବଶ୍ୟକ ପଦକ୍ଷେପ ନିଆଯାଉନଥିବାରୁ ଲୋକେ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ପ୍ରଶାସନ ଏଥିପାଇଁ ଆଗୁଆ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି ବୋଲି ସ୍ଥାନୀୟ ଅଞ୍ଚଳର ସଚେତନ ନାଗରିକମାନେ ମତବ୍ୟକ୍ତ କରିଛନ୍ତି। ବିପର୍ଯ୍ୟୟର ସ୍ଥାୟୀ ମୁକାବିଲା ପାଇଁ ଯୋଜନବଦ୍ଧ ପଦକ୍ଷେପ ନିଆଯାଉ ବୋଲି ସେମାନେ ପ୍ରଶାସନ ତଥା ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିବା କହିଛନ୍ତି। ଫନୀ ବାତ୍ୟାର ପରବର୍ତ୍ତୀ ସମୟରେ ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହେବାରୁ ଲୋକେ ବହୁ ହଇରାଣ ହୋଇଛନ୍ତି। ବିଦ୍ୟୁତ ବିଭାଗ ଏଭଳି କ୍ଷତି ରୋକିବା ପାଇଁ ସମୀକ୍ଷା କରିବା ଆବଶ୍ୟକ ବୋଲି ସଚେତନ ନାଗରିକମାନେ ମଧ ଦାବି କରିଛନ୍ତି।

## ନଳକୂପ ଅଚଳ, ପାଣି ପାଇଁ ଲୋକେ ହଇରାଣ

ରାଇସୁଆଁ, ୮।୫(ଡି.ଏନ.ଏ.)


ଅଚଳ ସୋଲାର ପମ୍ପ ନଳକୂପ।

ସରକାର ଲୋକଙ୍କୁ ପାନୀୟ ଜଳ ଯୋଗାଇବା ପାଇଁ ଯୋଜନା ପରେ ଯୋଜନା କରି କୋଟି ଟଙ୍କା ଖର୍ଚ୍ଚ କରି ପାନୀୟ ଜଳ ପ୍ରକଳ୍ପ ମାନ କରି ଚାଲିଛନ୍ତି। ମାତ୍ର ପ୍ରଶାସନିକସ୍ତରରେ ପଞ୍ଚାୟତ କାର୍ଯ୍ୟାଳୟର ଖାମଖିଆଲି ମନୋଭାବ ଯୋଗୁଁ କେନ୍ଦୁଝର ଜିଲାର ସଦର ଅଞ୍ଚଳରେ ପାନୀୟ ଜଳ ପାଇଁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏହି ପରି ଏକ ଘଟଣା ଦେଖିବାକୁ ମିଳିଛି କେନ୍ଦୁଝର ଜିଲା ସଦର ବ୍ଲକ ଅନ୍ତର୍ଗତ ଶଙ୍କିର ଗ୍ରାମର ପାତ୍ର ସାହି, ମୁଣ୍ଡା ସାହି, ପରିଡା ସାହିରେ। ଏହି ଗ୍ରାମରେ ୨ ହଜାରରୁ ଉର୍ଦ୍ଧ୍ୱ ଲୋକ ବସବାସ କରୁଛନ୍ତି। ଏମାନଙ୍କ ପାଇଁ ରହିଛି ମାତ୍ର ୨ଟି ନଳକୂପ। ଏହି ନଳକୂପ ୨ଟିରେ ସୋଲାର ପମ୍ପ ଅଚଳ ହେବା ସହ ନଳକୂପରୁ ମଧ ପାଣି ବାହାରୁ ନଥିବାରୁ ୨ହଜାରରୁ ଉର୍ଦ୍ଧ୍ୱ ଜନସାଧାରଣ ଚୁଆରୁ ଦୁଷିତ ପାଣିକୁ ପାନୀୟ ଜଳ ଭାବେ ଗ୍ରହଣ କରୁଥିବା ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଛନ୍ତି। ସ୍ଥାନୀୟ ସାମାଜିକ କର୍ମୀ ମୁନା ପାତ୍ର କହିଛନ୍ତି ଯେ, ମାସେରୁ ଉର୍ଦ୍ଧ୍ୱ ହେବ ୨ ଟି ଯାକ ନଳକୂପ ଅଚଳ ହୋଇ ପଡିଛି। ବହୁ ବାର ବ୍ଲକ କାର୍ଯ୍ୟାଳୟ ଏବଂ ପଞ୍ଚାୟତ କାର୍ଯ୍ୟାଳୟରେ ଜଣାଇଲେ ମଧ କୌଣସି ପ୍ରତିକାର କରାଯାଉ ନ ଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିବା ସହିତ ତୁରନ୍ତ ଏହି ଅଚଳ ନଳକୂପର ମରାମତି କରି ଲୋକଙ୍କୁ ପାନୀୟ ଜଳ ଯୋଗାଇବାକୁ ଜିଲା ପ୍ରଶାସନ ନିକଟରେ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି।

## ବାତ୍ୟା ଗଲା, ସରୁନି ଦୁର୍ଦ୍ଦଶା

ହାଟଡ଼ିହୀ, ୮।୫(ଡି.ଏନ.ଏ.)



ବାତ୍ୟା ଆଶ୍ରୟ ସ୍ଥଳରେ ଅସହାୟ ଗ୍ରାମବାସୀ।

ଫନୀ ସାମୁଦ୍ରିକ ଝଡ଼ ପ୍ରଭାବରେ କେନ୍ଦୁଝର ଜିଲା ହାଟଡ଼ିହୀ ବ୍ଲକର ପଞ୍ଚାୟତ ମଙ୍ଗରାଜପୁର ଗ୍ରାମ ୧୧ନଂ ୱାର୍ଡ଼ର ନିରଞ୍ଜନ ନାଏକଙ୍କ ଘର ଉପରେ ଏକ ତେନ୍ତୁଳି ଗଛ ପଡ଼ିଯିବାରୁ ଘରଟି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ତାଙ୍କର ୩ ସନ୍ତାନ ଓ ଦମ୍ପତିଙ୍କ ସହ ୫ ପ୍ରାଣୀକୁଟୁମ୍ବକୁ ନେଇ ନିରଞ୍ଜନ ବେସାହାରା ହୋଇଯାଇଛନ୍ତି । ନିରଞ୍ଜନଙ୍କ ଆର୍ଥିକ ପରିସ୍ଥିତି ସଚ୍ଛଳ ନ ଥିବାବେଳେ ପଞ୍ଚାୟତ ମାଧମରେ ତହସିଲ କାର୍ଯ୍ୟାଳୟରୁ ଏ ଯାଏ ପଲିଥିନଟିଏ ମିଳି ନ ଥିବା ନିରଞ୍ଜନ ପ୍ରକାଶ କରିଛନ୍ତି। ଘର ଉପରୁ ଗଛ କାଟି ତୁରନ୍ତ ଉକ୍ତ ଘରକୁ ବାସପଯୋଗୀ କରିବା ସହ ତାଙ୍କ ପରିବାରକୁ ଏକ ପକ୍କା ଘର ଯୋଗାଇ ଦେବା ପାଇଁ ନିରଞ୍ଜନ ଦାବି କରିଛନ୍ତି ।

ସେହିପରି ଶାଳଣିଆଁ ପଞ୍ଚାୟତ ବଳଭଦ୍ରପୁର ଗ୍ରାମର ଚନ୍ଦ୍ରମଣି ସେଠୀ କରିଥିବା ଦୁଇ ଏକର ଧାନ ଫସଲ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଛି । ସମଣା ପଞ୍ଚାୟତ ଆଗିରିଆ ଗ୍ରାମର ଭଗବାନ ଜେନାଙ୍କ ଉପରେ ଗଛ ପଡ଼ିଯିବାରୁ ସେ ମୃତ୍ୟୁବରଣ କରିଥିଲେ । ତେମଳା ଗ୍ରାମର ଦେବେନ୍ଦ୍ର ଜେନାଙ୍କ ଘର ଉପରେ ଗଛ ପଡ଼ି ଘର ଭାଙ୍ଗି ଯାଇଛି । ନୁଆଗୁଡ଼ା ଗ୍ରାମର କରୁଣା ନାଇକ ଓ ଚନ୍ଦ୍ରମଣି ନାଇକ ସୋସୋ ଗ୍ରାମର ବୁଦ୍ଧଦେବ ଜେନା ଓ ଜୁମ୍ମା ଖାଁ, ଗ୍ରାମର ମଧୁସୂଦନ ବେହେରା, ବାଲିବରେଇ ଗ୍ରାମର ସଂଜୟ ପହୀ, ବଣିଆଁପଙ୍କ ଗ୍ରାମର ରାମଚନ୍ଦ୍ର ବେହେରା ପ୍ରମୁଖଙ୍କ ସମେତ ବହୁବ୍ୟକ୍ତି କ୍ଷତିଗ୍ରସ୍ତ ହୋଇଛନ୍ତି। ଏଯାଏ ବହୁ କ୍ଷତିଗ୍ରସ୍ତଙ୍କ ଘରେ ଚୁଲି ଜଳିପାରିନି । ବ୍ଲକ ପ୍ରଶାସନ ତରଫରୁ ବାତ୍ୟା ସମୟରେ ଯେପରି ପଦକ୍ଷେପ ନେବାକଥା ତାହା କରାଯାଇ ନ ଥିଲା। ପରେ ଜିଲାପାଳଙ୍କ ହସ୍ତକ୍ଷେପ ପରେ ଲୋକଙ୍କୁ ରନ୍ଧାଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ବହୁ ବିଦ୍ୟାଳୟରେ ବାତ୍ୟା ସମୟରେ ଖୋଲାଯାଇ ନ ଥିଲା। ବାତ୍ୟା ଛାଡ଼ିବା ପରେ ଶୁଖିଲା ଖାଦ୍ୟ ବଣ୍ଟନ ହୋଇଥିଲା। ବ୍ଲକ ପ୍ରଶାସନ ତରଫରୁ ସବୁ କିଛି ଠିକଠାକ କରାଯାଇଥିବା କୁହାଯାଉଥିବାବେଳେ ରିଲିଫ ସାମଗ୍ରୀର ଆୟବ୍ୟୟର ହିସାବ ମିଳିପାରିନି। ତହସିଲ ତରଫରୁ କ୍ଷୟକ୍ଷତିର ଆକଳନ ପାଇଁ ବିଭିନ୍ନ ଗ୍ରାମ ପରିଦର୍ଶନ କରି ରିପୋର୍ଟ ସଂଗ୍ରହ କରାଯାଉଛି ।

